# Virtual Meeting between Foreign Ministers of India and Oman

December 02, 2020

## ଭାରତ ଓ ଓମାନର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଭର୍ଚୁଆଲ ବୈଠକ

**ଡିସେମ୍ବର 02, 2020**

ଆଜି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଓମାନର ବୈଦେଶିକ ମନ୍ତ୍ରୀ ମହାମହିମ ସୟିଦ୍ ବଦର୍ ବିନ୍ ହମାଦ୍ ବିନ୍ ହାମୁଦ ଆଲବୁସାଇଦିଙ୍କ ସହ ଭର୍ଚୁଆଲ ବୈଠକ କରିଥିଲେ। ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବହୁପକ୍ଷୀୟ ପ୍ରସଙ୍ଗ ଉପରେ ଦୁଇ ମନ୍ତ୍ରୀ ବ୍ୟାପକ ଆଲୋଚନା କରିଥିଲେ।

ଆଧୁନିକ ଓମାନର ନବଜାଗରଣର 50ତମ ରାଷ୍ଟ୍ରୀୟ ଦିବସ ଉପଲକ୍ଷେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ନିଜର ଓମାନ ପ୍ରତିପକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କୋଭିଡ-19 ମହାମାରୀ ସମୟରେ ଭାରତୀୟ ସମୁଦାୟଙ୍କୁ ସହାୟତା ଏବଂ ଉତ୍କୃଷ୍ଟ ସହଯୋଗ ପାଇଁ ବୈଦେଶିକ ମନ୍ତ୍ରୀ ସୟିଦ୍ ବଦର୍ ଏବଂ ଓମାନ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ପାଇଁ ଘନିଷ୍ଠତାର ସହ କାର୍ଯ୍ୟ ଜାରି ରଖିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

ପ୍ରତିରକ୍ଷା ଓ ସୁରକ୍ଷା, ଅର୍ଥନୈତିକ ସହଯୋଗ, ଦକ୍ଷତା ବିକାଶ ତଥା ତାଲିମ, ଦୂତାବାସ ପ୍ରସଙ୍ଗ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ଆଦି ପ୍ରମୁଖ କ୍ଷେତ୍ରରେ ସହଯୋଗ ଉପରେ ଭାରତ-ଓମାନ ରଣନୀତିକ ଭାଗିଦାରୀର ଦୁଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ଅର୍ଥନିତୀ କ୍ଷେତ୍ରରେ ଦୁଇ ଦେଶ ପରସ୍ପରର ଦୃଢ ପରିପୂରକ ହୋଇଥିବାରୁ ଅର୍ଥନୈତିକ ଭାଗିଦାରୀକୁ ବିସ୍ତୃତ କରିବା ପାଇଁ ବିଶାଳ କ୍ଷମତା ରହିଛି ବୋଲି ସେମାନେ ଉଲ୍ଲେଖ କରିଥିଲେ। ଆଗାମୀ ସମୟରେ ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସୁରକ୍ଷାର ଗୁରୁତ୍ୱ ଏବଂ ଏହି ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଉଭୟ ଦେଶର ସହଭାଗୀତାର ସାମର୍ଥ୍ୟ ଉପରେ ସେମାନେ ଜୋର ଦେଇଥିଲେ। ଦୁଇ ମନ୍ତ୍ରୀ ଆଞ୍ଚଳିକ ଏବଂ ବହୁପକ୍ଷୀୟ ପ୍ରସଙ୍ଗ ଉପରେ ମତ ଆଦାନ ପ୍ରଦାନ କରିଥିଲେ ଏବଂ ବହୁପକ୍ଷୀୟ ମଞ୍ଚରେ ଘନିଷ୍ଠ ସହଯୋଗ ଜାରି ରଖିବାକୁ ସହମତ ହୋଇଥିଲେ।

ଓମାନ-ଭାରତ ବନ୍ଧୁତା ସଂଘ ପ୍ରତିଷ୍ଠା ପାଇଁ ଓମାନର ପ୍ରୟାସକୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରଶଂସା କରିଥିଲେ।

**ନୂଆଦିଲ୍ଲୀ**

**ଡିସେମ୍ବର 02, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.